

# ଭୁବନେଶ୍ୱର ସିଟି

‘ଆଜି ପ୍ରେମ ଦିବସ’

# ପତ୍ନୀ ସାଜିଛନ୍ତି ଦିବ୍ୟାଙ୍ଗ ସ୍ୱାମୀଙ୍କ ସାରଥୀ

ନିଆରା ପ୍ରେମ

ଭୁବନେଶ୍ୱର, ୧୩।୨(ସମିସ): ପ୍ରେମ କେବଳ ଶାରୀରିକ ସମ୍ପର୍କର ଆକର୍ଷଣ ନୁହେଁ, ଏହା ଦୁଇ ଆତ୍ମାର ଶାଶ୍ୱତ ବନ୍ଧନ। କାମନା ଓ ବାସନାର କଳୁଷିତ ମାନସିକତାର ବହୁ ଊର୍ଦ୍ଧ୍ୱରେ ପ୍ରବାହମାନ ଏକ ପବିତ୍ର ତଟିନୀ ହେଉଛି ପ୍ରେମ। ଏହି ତଟିନୀ କୂଳର ସମର୍ପଣ-ବୃକ୍ଷଡାଳରେ ବସିଥିବା ଦୁଇ ପକ୍ଷୀ ହେଉଛନ୍ତି ପ୍ରେମିକ-ପ୍ରେମିକା, ଯେଉଁଠି ଜଣେ ଅନ୍ୟର ସୁଖ-ଦୁଃଖ ଭିତରେ ନିଜକୁ ହଜାଇ ଦେବାର ଓ ଜଣେ ଅନ୍ୟ ଜଣର ଲୁହକୁ ପିଇଦେବାର ସ୍ୱର୍ଗୀୟ

## ■ ୩୫ ବର୍ଷ ହେବ କରୁଛନ୍ତି ସ୍ୱାମୀଙ୍କ ସେବା

ଆନନ୍ଦ ନିହିତ ଥାଏ। ପ୍ରେମ ସବୁବେଳେ ସତ୍ୟ। ଏହି ସତ୍ୟର ଦିବ୍ୟ ଅନୁଭବ ଆଗରେ ହାର ମାନିଯାଏ ଦୈହିକ ସୌନ୍ଦର୍ଯ୍ୟ। ଯାହାର ଉଦାହରଣ ହେଉଛନ୍ତି ରାଜଧାନୀର ଇଶ୍ୱର ପ୍ରଧାନ ଓ ଲକ୍ଷ୍ମୀ ପ୍ରଧାନଙ୍କ ନିଆରା ପ୍ରେମ। ଇଶ୍ୱର ଦିବ୍ୟାଙ୍ଗ ହୋଇଥିବା ବେଳେ ପତ୍ନୀ ଲକ୍ଷ୍ମୀ ସାଜିଛନ୍ତି ତାଙ୍କ ଜୀବନର ସାରଥୀ। ବିବାହର ୩୫ବର୍ଷ ପରେ ମଧ୍ୟ ସେମାନଙ୍କ ମଧ୍ୟରେ ଫିକା ପଡ଼ିନି ପ୍ରେମର ରଙ୍ଗ।

ପିଲାଦିନରୁ ଇଶ୍ୱର ପୋଲିଓରେ ଆକ୍ରାନ୍ତ ହୋଇଥିଲେ। ବିବାହ ବୟସ ହେବାରୁ ଦିବ୍ୟାଙ୍ଗଙ୍କ ସହ ସାରା ଜୀବନ ବିତାଇବାକୁ ଅନେକ ଝିଅ ପଛଘୁଞ୍ଚା ଦେଇଥିବା ବେଳେ ଆଗେଇ ଆସିଥିଲେ ଲକ୍ଷ୍ମୀ। ସ୍ୱାମୀଙ୍କ ସେବା କରିବାର ମନୋବୃତ୍ତି ନେଇ ସେ ଇଶ୍ୱରଙ୍କୁ ନିଜର ଦେବତା ଭାବେ ଗ୍ରହଣ କରିଥିଲେ। ତେବେ ସବୁଠାରୁ ବଡ଼କଥା ହେଉଛି ବିବାହକୁ ୩୫ ବର୍ଷ ବିତିଯାଇଥିଲେ ମଧ୍ୟ ସ୍ୱାମୀଙ୍କ ସେବା କରିବାରେ ଦିନଟିଏ ବି ହେଳା କରିନାହାନ୍ତି ଲକ୍ଷ୍ମୀ। ସକାଳର ସୂର୍ଯ୍ୟୋଦୟ ରୁ ଆରମ୍ଭ କରି ରାତିରେ ଶୋଇବା ଯାଏ ଲକ୍ଷ୍ମୀ ତାଙ୍କ ପାଖେ ପାଖେ ରହିଥାନ୍ତି। ବଡ଼ି ଭୋରୁ ଉଠି ଇଶ୍ୱରଙ୍କ ପାଇଁ ରୋଷେଇ ସାରି ତାପରେ ଲାଗିପଡ଼ନ୍ତି ସ୍ୱାମୀଙ୍କ ନିତ୍ୟକର୍ମ, ପୋଷାକ ପିନ୍ଧାଇବା, ଖୁଆଇଦେବା, ନିର୍ଦ୍ଧାରିତ ସମୟ ଅନୁସାରେ ମେଡିସିନ୍ ଦେବାରେ। ୧୦ଟା ବାଜିବା ମାତ୍ରେ ସ୍ୱାମୀଙ୍କୁ ଏକ ହ୍ୱିଲ ଚେୟାର୍‌ରେ ବସାଇ ଇଶ୍ୱରଙ୍କ ଅଫିସ୍ ଆଡ଼କୁ ଦୁହେଁ



ଯାଇଥାନ୍ତି। ଇଶ୍ୱର ହାଉସିଂବୋର୍ଡ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବାରୁ ତାଙ୍କୁ ସବୁଦିନ ଅଫିସ ନେବା ଆଣିବା କରନ୍ତି ପତ୍ନୀ ଲକ୍ଷ୍ମୀ। କେବଳ ସେତିକ ନୁହେଁ ହାଟ ସଉଦା ଠାରୁ ଆରମ୍ଭ କରି ଘରର ଜାବତୀୟ କାମ କରି ମଧ୍ୟ କେବେ ଥକ୍ ଯାଇନଥିବା କହିଛନ୍ତି ଲକ୍ଷ୍ମୀ। ସେ କହିଛନ୍ତି, ଘରେ ସ୍ୱାମୀରୂପୀ ଯେଉଁ ଦେବତା ରହିଛନ୍ତି ତାଙ୍କର ସେବା ଯତ୍ନ କରିବା ହେଉଛି ଇଶ୍ୱର ଭକ୍ତି।ତେଣୁ ପ୍ରତ୍ୟେକ ପତ୍ନୀ ପ୍ରଥମେ ସ୍ୱାମୀଙ୍କୁ ପୂଜା କରିବା, ତାଙ୍କ ସୁଖଦୁଃଖରେ ପାଖେପାଥେ ରହିବା ହିଁ ପ୍ରକୃତ ଭଲପାଇବା ବୋଲି ଲକ୍ଷ୍ମୀ କହିଛନ୍ତି। ସେହିପରି ଇଶ୍ୱର ମଧ୍ୟ ପତ୍ନୀ ଲକ୍ଷ୍ମୀଙ୍କୁ ଛାଡ଼ି ଗୋଟିଏ ମୁହୂର୍ତ୍ତ ଏକାକରୀ ରହିପାରିବେ ନାହିଁ ବୋଲି କହିଛନ୍ତି। ଆଜିର ସ୍ୱାର୍ଥପର ସମାଜରେ ଦୁହିଙ୍କ ନିଃସ୍ୱାର୍ଥପର ପ୍ରେମ ଆଜିର ଯୁବପିଢ଼ୀଙ୍କ ପାଇଁ ପ୍ରେରଣା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ମଲ୍‌ରେ ସେଲ୍‌ଫି ଜୋନ୍; ମାର୍କେଟ୍‌ରେ ‘ଲଭ୍’ ଅଫର୍

ଭୁବନେଶ୍ୱର, ୧୩।୨(ସମିସ): ଫେବୃଆରୀ ୭ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଚାଲିଥିବା ପ୍ରେମ ସପ୍ତାହକୁ ନେଇ ଯୁବଗୋଷ୍ଠୀମାନେ ବେଶ୍ ଉତ୍ସାହିତ ଥିବା ବେଳେ ଆସନ୍ତା କାଲି ଶେଷ ହେବ ପ୍ରେମ ସପ୍ତାହ। ଯାହାର ଝଲକ ମଧ୍ୟ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ନିଜ ପ୍ରେମିକ ପ୍ରେମିକା, ସ୍ୱାମୀ, ସ୍ତ୍ରୀଙ୍କ ପାଇଁ ବିଭିନ୍ନ ଲଭ୍ କୋଟେସନ୍ ଓ ଫଟୋ ଅପଲୋଡ଼୍ କରି ନିଜର ପ୍ରେମ ଜାହିର କରିଛନ୍ତି ଉଭୟ। ଏହିଦିନକୁ ଦୃଷ୍ଟିରେ ରଖି ମଲ୍ ଗୁଡ଼ିକରେ ଭାଲେଣ୍ଟାଇନ୍ ଡେ’ ପାଇଁ ତିଆରି ହୋଇଛି ସେଲଫି ଜୋନ୍। ସେହିପରି ଉଭୟ ଅନଲାଇନ୍ ଓ ଅଫ୍ଲାଇନ୍ ମାର୍କେଟରେ ଏଥିପାଇଁ ସ୍ୱତନ୍ତ୍ର ରିହାତି ରହିଥିବା ଦେଖିବାକୁ ମିଳିଛି। ଏହି ଦିନରେ ପ୍ରେମୀଯୁଗଳମାନେ ପରସ୍ପରକୁ ଉପହାର ଦେବାକୁ ଫୁଲ ଦୋକାନ ଠାରୁ ଆରମ୍ଭ କରି ବିଭିନ୍ନ ଉପହାର ଦୋକାନରେ ମଧ୍ୟ ଯୁବଗୋଷ୍ଠୀଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି।

● ରାଜଧାନୀରେ ନିଆରା ବିବାହ

## ପୁରୁଷ ବନ୍ଧୁଙ୍କୁ ବିବାହ କଲେ କିନ୍ନର



ଭୁବନେଶ୍ୱର, ୧୩।୨(ସମିସ):ରାଜ୍ୟରେ ଶହଶହ କିନ୍ନର ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବାକୁ ସଂଘର୍ଷ କରୁଥିବା ବେଳେ ଅନେକ ସମୟରେ ସେମାନେ ଟାହିଟାପରାର ଶିକାର ହୋଇଥାନ୍ତି। ମାତ୍ର ଏସବୁକୁ ଦୃଷ୍ଟି ନଦେଇ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ପୁରୁଷ ଓ ନାରୀଙ୍କ ସହ ସମକକ୍ଷ ହେବା ପାଇଁ ଏବେବି ସଂଘର୍ଷରତ କିନ୍ନରମାନେ। କାରଣ ପୁରୁଷ ଓ ନାରୀଙ୍କ ଠାରୁ କିନ୍ନରମାନେ କୌଣସି ଗୁଣରେ କମ୍ ନୁହଁନ୍ତି। ସାଧାରଣ ଲୋକଙ୍କ ଭଳି ବିବାହ ବନ୍ଧନରେ ବାନ୍ଧି ହୋଇ ଘରସଂସାର କରିବାର ସ୍ୱପ୍ନକୁ ବାବସ୍ତରେ ପରିଣତ କରିଛନ୍ତି କିନ୍ନର ପ୍ରିୟଙ୍କା ଦୋରା। ପ୍ରେମ ସପ୍ତାହରେ ନିଜ ପୁରୁଷ ବନ୍ଧୁ ରବି ଡାକୁଆଙ୍କୁ ବିବାହ କରିଛନ୍ତି ପ୍ରିୟଙ୍କା।

ପ୍ରିୟଙ୍କାଙ୍କ ଘର ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ହୋଇଥିବା ବେଳେ ରବିଙ୍କ ଘର ପୋଲସରା। ଉଭୟଙ୍କ ମଧ୍ୟରେ ୪ବର୍ଷ ପ୍ରେମ ସମ୍ପର୍କ ଥିବା ବେଳେ ଆଜି ରାଜଧାନୀରେ ତାହା ସାମାଜିକ ସ୍ୱୀକୃତି ଲାଭ କରିଛି। ଟି.ଜି. ସୁରକ୍ଷା ଟ୍ରଷ୍ଟର ସଭାପତି ମେନକା ପରିଡ଼ାଙ୍କ ନେତୃତ୍ୱରେ ଶୁକ୍ରବାର ନୂଆପଲ୍ଲୀ ଆଇଆରସି ଭିଲେଜସ୍ଥିତ କିନ୍ନରମାନଙ୍କ ବୋହୁଚୋରାମାତା ମନ୍ଦିରରେ ଉଭୟଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ରୀତିନୀତି ଅନୁସାରେ ବିବାହ କାର୍ଯ୍ୟ ସହ ୩୦୦ ଲୋକଙ୍କ ନିମନ୍ତେ ଭୋଜିର ବ୍ୟବସ୍ଥା କରାଯାଇଥିଲା। ଏହି ବିବାହ କାର୍ଯ୍ୟରେ ସମାଜସେବୀ, ରାଜନେତା ଓ ଆଇନଜୀବୀମାହନେ ଉପସ୍ଥିତ ରହି ବରକନ୍ୟାଙ୍କୁ ଆର୍ଶୀବାଦ କରିଥିଲେ।

## କ୍ଷତାକ୍ତ ଗୋଡ଼କୁ ନ କାଟି ଚିକିତ୍ସା କ୍ଷେତ୍ରରେ ସମ୍ମମର ସଫଳତା

ଭୁବନେଶ୍ୱର, ୧୩।୨(ସମିସ): ରୋଗୀର କ୍ଷତାକ୍ତ ଅଙ୍ଗକୁ ନକାଟି ଓଡ଼ିଶାରେ ପ୍ରଥମ ଥର ଆଣ୍ଠୁର ନିମ୍ନଭାଗକୁ ଅତ୍ୟାଧୁନିକ ଏଣ୍ଡୋଭାସ୍କୁଲାର ଆଥେରେକ୍ଟୋମି



ପଦ୍ଧତିରେ ଜେଟ୍‌ଷ୍ଟ୍ରିମ ଟେକ୍ନୋଲଜି ଦ୍ୱାରା ସୁରକ୍ଷା କରିବାରେ ସଫଳ ହୋଇଛନ୍ତି ସମ୍ ଅଲ୍ଟିମେଟ ମେଡିକେୟାର ଡାକ୍ତର। ଏହି ପ୍ରକ୍ରିୟାକୁ ସମ୍ମମର ଇଣ୍ଟରଭେନ୍‌ସନାଲ୍ ରେଡିଓଲୋଜିର କନ୍‌ସଲ୍‌ଟାଣ୍ଟ ଡ. ସମ୍ବିତ କୁମାର ପଟ୍ଟନାୟକ ମିନିମାଲି ଇନ୍‌ଭେସିଭ୍ ଭାସ୍କୁଲାର କେୟାର ମାଧ୍ୟମରେ ସମ୍ପନ୍ନ କରିଛନ୍ତି। ଏହି ମିନିମାଲି ଇନ୍‌ଭେସିଭ ପ୍ରକ୍ରିୟା ଦ୍ୱାରା ଯନ୍ତ୍ରଣା କମିବା ସହ ରୋଗୀ ଶୀଘ୍ର ସୁସ୍ଥ ହୋଇପାରୁଛି ବୋଲି ସେ କହିଥିଲେ। ଏହି ଅତ୍ୟାଧୁନିକ ଚିକିତ୍ସା ଓଡ଼ିଶାରେ ରୋଗୀମାନଙ୍କ ମଧ୍ୟରେ ନୂତନ ଆଶାର କିରଣ ସୃଷ୍ଟି କରିଛି ବୋଲି ହସ୍ପିଟାଲ୍‌ର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ୍ ବ୍ରିଗେଡ଼ିୟର ଡ. ବିରାଜ ମୋହନ ମିଶ୍ର କହିଛନ୍ତି। ଏହି ପରିପ୍ରେକ୍ଷୀରେ ସମ୍ମମ୍‌ର ସିଇଓ ଡ. ଶ୍ୱେତପଦ୍ମା ଦାଶ କହିଛନ୍ତି ଯେ ଏହି ସଫଳତା ହସପିଟାଲକୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ଭାବେ ଉଭା ହେବାକୁ ସାହାଯ୍ୟ କରିଛି।

## ୩ ସମବାୟ ସମିତି ପରିଦର୍ଶନ କଲେ ଯୁଗ୍ମ ସଚିବ



ବାଲିପାଟଣା, ୧୩।୨(ସମିସ): କେନ୍ଦ୍ର ସମବାୟ ବିଭାଗର ଏକ ପ୍ରତିନିଧି ଦଳ କେନ୍ଦ୍ର ସମବାୟ ବିଭାଗ ଯୁଗ୍ମ ସଚିବ ସିଦ୍ଧାର୍ଥ ଜୈନଙ୍କ ସହିତ କେନ୍ଦ୍ର ସମବାୟ ବିଭାଗ ନିର୍ଦ୍ଦେଶକ ମୁକେଶ କୁମାର ଆସି ପ୍ରଥମେ ବାଲିପାଟଣା ବ୍ଲକର ଅଗ୍ରଣୀ ସମବାୟ ସମିତି ଗାରେଡିପାଞ୍ଚଣ ସେବା ସମବାୟ ସମିତିରେ ପହଞ୍ଚି ସେଠାରେ କିପରି ଚାଷୀମାନଙ୍କୁ ଋଣ ପ୍ରଦାନ କରାଯାଉଛି, ଓମଫେଡ୍, ସହଜ କେନ୍ଦ୍ର, ନାଫେଡ଼୍, ପିଡ଼ିଏସ, ସାର ବ୍ୟବସାୟ, ସମବାୟ ମାଧ୍ୟମରେ ଧାନ ଓ ମୁଗ କ୍ରୟ ବ୍ୟବସାୟରେ ଲାଭ ଓ ସୁଲଭ ମୂଲ୍ୟରେ ଖାଉଟିଙ୍କ ପାଖରେ ପହଞ୍ଚୁଛି କି ନାହିଁ ପଚାରି ବୁଝିଥିଲେ। ସମବାୟ ବ୍ୟାଙ୍କରୁ ସୁଲଭ ସୁଧ ହାରରେ ଋଣ ଯୋଗାଇଦେବାକୁ ଉପସ୍ଥିତ ଖୋର୍ଦ୍ଧା ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାରଥୀ ସତପଥୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସମବାୟ ନିବନ୍ଧକ ସିଦ୍ଧାର୍ଥ ଦାସ, ଆଡସିନାଲ ସେକ୍ରେଟାରୀ ରୋଜାଲିନ ସେନାପତି, ଉପ ନିବନ୍ଧକ ଅଳକା ନନ୍ଦା ଜେନା, ବରିଷ୍ଠ ସହକାରୀ ନିବନ୍ଧକ ପ୍ରିୟବ୍ରତ ପଣ୍ଡା, ଯୁଗ୍ମ ନିବନ୍ଧକ ବିଶ୍ୱପ୍ରକାଶ, ଡିଜିଏମ ସନ୍ଦୀପ ପଟ୍ଟନାୟକ, ଅଞ୍ଚଳ ଅଧିକାରୀ ଦିବ୍ୟ ରଞ୍ଜନ ପ୍ରଧାନ, ସମବାୟ ସଭାପତି ଅଭିମନ୍ୟୁ ନାୟକ, ଭାରତ ଭୂଷଣ ମହାନ୍ତି, ଦୀପ୍ତିମାନ ପୃଷ୍ଟି, ସମ୍ପାଦକ ସୁଶୀଲ କୁମାର ପଣ୍ଡା, ପ୍ରଭୁପ୍ରସାଦ ଜେନା, ପ୍ରସନ ଜେନା, ଡିଇଓ, ଏଡିଇ ଓଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମୁକ୍ତିଲାଭ କଲା ‘ରକ୍ତ ଗୋଲାପ’



ଭୁବନେଶ୍ୱର, ୧୩।୨(ସମିସ): ଓଡ଼ିଆ ଚଳଚ୍ଚିତ୍ର ‘ରକ୍ତ ଗୋଲାପ’ ସାରା ଓଡ଼ିଶାରେ ୩୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ଏହି ସସପେନ୍ସ-ଥ୍ରୀଲର ସିନେମାରେ ଏଲିନା ସାମନ୍ତରାୟ, ହର ରଥ, ସମରେଶ ରାଉତରାୟ, ଉଦିତ ଗୁରୁ, ଚୌଧୁରୀ ଜୟପ୍ରକାଶ ଦାସ, ଅଭିଷେକ ଗିରି ପ୍ରମୁଖ ଅଭିନୟ କରିଛନ୍ତି। ଆଶିଷ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ସିନେମାର ନିର୍ଦ୍ଦେଶନା ଶିଶିର ପିନାକୀ ଦେଇଛନ୍ତି।

## ଧର୍ମବିହାର ଶିଶୁମନ୍ଦିରରେ ‘ଘର ହିଁ ବିଦ୍ୟାଳୟ’



ଭୁବନେଶ୍ୱର, ୧୩।୨(ସମିସ): ଧର୍ମବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିଶୁବାଟିକା ବିଭାଗରେ ଗୁରୁବାର ଦିନ ‘ଘର ହିଁ ବିଦ୍ୟାଳୟ’ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ନାରାୟଣ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁନିକୁନି ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ମାର୍ଗଦର୍ଶନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ କହିଥିବା ବେଳେ ଶିଶୁବାଟିକା ପ୍ରମୁଖ ସୁଶୋଭିତା ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। ଶିଶୁବାଟିକାର ସମସ୍ତ ଗୁରୁଜୀ/ଗୁରୁମା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଡିଜିଟାଲ୍ ଅର୍ଥନୀତି ଏବଂ ଦାୟିତ୍ୱପୂର୍ଣ୍ଣ ଏଆଇ ସଂକ୍ରାନ୍ତ ଜାତୀୟ ସେମିନାର୍

ଭୁବନେଶ୍ୱର, ୧୩।୨(ସମିସ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଆଇଏମ୍‌ବିଏ ବିଭାଗ ପକ୍ଷରୁ ‘ଡିଜିଟାଲ୍ ଅର୍ଥନୀତି ଦାୟିତ୍ୱପୂର୍ଣ୍ଣ ଏଆଇ ନୀତିଶାସ୍ତ୍ର, ବିଶ୍ୱାସ ଏବଂ ସ୍ଥାୟୀ ବ୍ୟବସାୟ ପରିବର୍ତ୍ତନ’ ଶୀର୍ଷକ ଦିନିକିଆ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଇଏମ୍‌ବିଏ ବିଭାଗର ସହକାରୀ ଅଧ୍ୟାପକ ଗାୟତ୍ରୀ ଜେନା ଉଦ୍‌ଘାଟନୀ ଭାଷଣ ଦେଇଥିବା ବେଳେ



ବିଭାଗୀୟ ମୁଖ୍ୟ ସହକାରୀ ଅଧ୍ୟାପକ ଶିବାନନ୍ଦ ଦାସ ଅତିଥିମାନଙ୍କୁ ପରିଚୟ ଦେଇଥିଲେ। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ. ଝୁମକି ରଥ, ଶିକ୍ଷା ଏବଂ ବୃତ୍ତିଗତ ଶିକ୍ଷା ଆବଶ୍ୟକତା ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବା ପାଇଁ ପାଠ୍ୟକ୍ରମରେ କୃତ୍ରିମ ବୁଦ୍ଧିମତ୍ତାକୁ ସାମିଲ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ନୂଆଦିଲ୍ଲୀର ଏମସ୍ ନିର୍ଦ୍ଦେଶକ ପ୍ରଫେସର ଡା. ଗଣେଶ ସିଂହ, ମୁଖ୍ୟ ବକ୍ତା ଭାବରେ ଓଡ଼ିଶାର ମାଟି ଫାର୍ମର ପ୍ରତିଷ୍ଠାତା ସଞ୍ଜଗ ସାହୁ, ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ବ୍ୟବସାୟ ପ୍ରଶାସନ ବିଭାଗର ପ୍ରଫେସର ଡ. ସତ୍ୟ ସ୍ୱରୂପ ଦେବାଶିଷ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ଡ. ମୌସୁମୀ ଦାସଙ୍କ ସମେତ ଆଲୋଚନା ଚକ୍ରର ସହ-ସଂଯୋଜକ ଡ. ରଜନୀକାନ୍ତ ଜେନା ଉପସ୍ଥିତ ଥିଲେ। ବିଭାଗର ୪ଶହରୁ ଅଧିକ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଏହି ସେମିନାରରେ ଅଂଶଗ୍ରହଣ କରିଥିଲେ।

## ସୋଆ ଆଇବିସିଏସ୍ ପକ୍ଷରୁ ମ୍ୟାନେଜମେଣ୍ଟ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ

ଭୁବନେଶ୍ୱର, ୧୩।୨(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଏକ ମ୍ୟାନେଜେମେଣ୍ଟ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ୍ ଅନୁଷ୍ଠିତ ହୋଇଯାଇଛି। ‘ମ୍ୟାନେଜିଂ ଏଆଇ ଡ୍ରିଭନ୍ ମାର୍କେଟ: ଆନ୍ ଇଣ୍ଡଷ୍ଟ୍ରି ୫.୦ ପର୍ସପେକ୍ଟିଭ୍’ ଶୀର୍ଷକ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଉଦ୍ୟୋଗୀ, ବ୍ୟବସାୟୀ, କର୍ପୋରେଟ ଜଗତର ବ୍ୟକ୍ତିବିଶେଷ, ଶିକ୍ଷାବିତ୍ ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇ ଥିଲେ। ଆଇଟି ପ୍ଲସ ପଏଣ୍ଟ ସଲ୍ୟୁସନ୍‌ସ ପ୍ରାଇଭେଟ ଲିମିଟେଡ଼୍‌ର ଏମ୍‌ଡି ପ୍ରଭାତ ସାହୁ ଏବଂ ଟିସିଏସ୍ ରିସର୍ଚ୍ଚର ପ୍ରମୁଖ ବୈଜ୍ଞାନିକ ଓ ଇଞ୍ଜିନିୟର ଡ. ହେମନ୍ତ ରଥ ଯୋଗଦେଇ କୃତ୍ରିମ ବୁଦ୍ଧିମତା କିଭଳି ବ୍ୟବସାୟ ଏବଂ ଉଦ୍ୟୋଗୀକରଣରେ ବ୍ୟବହାର ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଏମ୍‌ଡିପିର ଆବାହକ ତଥା ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି, ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଏବଂ ଆସୋସିଏଟ ଡିନ୍ ପ୍ରଫେସର ମନୋରଞ୍ଜନ ଦାସ ବକ୍ତବ୍ୟ ରଖିଥିଲେ। ବୈଷୟିକ ପର୍ଯ୍ୟାୟକୁ ଏଆଇ ଟ୍ରେନର ସିଏ ଏସ୍‌କେ. ଅବୁ ସକିବ୍ ପରିଚାଳନା କରିଥିଲେ।

## ପଞ୍ଚଦଶ ପ୍ରାଚୀ ନଦୀ ପରିକ୍ରମା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର, ୧୩।୨(ସମିସ):ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହେଉଥିବା ପଞ୍ଚଦଶ ପ୍ରାଚୀ ନଦୀ ପରିକ୍ରମା କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ କାର୍ଯ୍ୟକ୍ରମରେ ସାଧୁସନ୍ଥମାନେ ଫେବୃଆରୀ ୭ରେ ଶ୍ରୀ ଅନ୍ଧକପିଳେଶ୍ୱର ମନ୍ଦିର, କପିଳେଶ୍ୱରପୁର ଠାରୁ ନିଜର ପରିକ୍ରମା ଆରମ୍ଭ କରିଥିଲେ। ଏହାପରେ ଆର୍ତ୍ତତ୍ରାଣ ଗାଦି, ଶ୍ରୀ ମାଧବାନନ୍ଦ ଜୀଉ ମନ୍ଦିର, ଦେଉଳୀ ମଠ, କେଳୁଣୀ ମୁହାଣ, କ୍ଷୀରଗଛ ମଠ ଏବଂ ଶେଷରେ ଅନ୍ତର୍ବେଦୀ ମଠ, ତ୍ରିବେଣୀ ତୀର୍ଥ ଠାରେ ପରିକ୍ରମା ସାରିଥିଲେ। କାର୍ଯ୍ୟକ୍ରମରେ ସାଧୁସନ୍ଥମାନେ ମଠର ପରିକ୍ରମା କରିବା ସହିତ ପ୍ରାତଃ ପ୍ରାଚୀ ଆରତୀ ଓ ସନ୍ଧ୍ୟା ପ୍ରାଚୀନ ଆରତୀ, ସତସଙ୍ଗ, ପୂର୍ଣାହୂତି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଜଗନ୍ନାଥ ପଣ୍ଡାଙ୍କର ‘ଦ ଲଙ୍ଗ ନାଓ ଅଫ୍ ଅସ୍’ ଉଦ୍‌ଘାଟିତ

ଭୁବନେଶ୍ୱର, ୧୩।୨(ସମିସ): ଇଓ ଓଡ଼ିଶା ପକ୍ଷରୁ ଆନ୍ତର୍ଜାତିକସ୍ତରରେ ଖ୍ୟାତିସମ୍ପନ୍ନ ଆର୍ଟିଷ୍ଟ ଜଗନ୍ନାଥ ପଣ୍ଡାଙ୍କର ସାମ୍ପ୍ରତିକ କୃତିଗୁଡ଼ିକୁ ନେଇ ଉଲ୍ଲେଖନୀୟ ଏକକ ପ୍ରଦର୍ଶନୀ ‘ଦ ଲଙ୍ଗ୍ ନାଓ ଅଫ ଅସ୍’ ଉଦ୍‌ଘାଟିତ ହୋଇଯାଇଛି। ଶିବଦାସ ସେନଗୁପ୍ତାଙ୍କ ନିଖୁଣ ପ୍ରସ୍ତୁତିରେ ଏହି ପ୍ରଦର୍ଶନୀ ଜନସାଧାରଣଙ୍କର ବିପୁଳ ଅଂଶଗ୍ରହଣ ମଧ୍ୟରେ ଲଳିତ କଳା ଏକାଡେମୀର ରିଜିଓନାଲ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଫେସର ଡ. ପ୍ରଦୋଷ ମିଶ୍ର ଅତିଥିମାନଙ୍କୁ



ସ୍ୱାଗତ କରିଥିଲେ। ପ୍ରଦର୍ଶନୀର ଆକର୍ଷଣ ଭାବରେ ୧୬ ଫୁଟର ଅଭିଲେଖ ଆଧାରିତ ରଥ ସ୍ଥାନ ପାଇଥିଲା। ସନ୍ଧ୍ୟାରେ ରମାକାନ୍ତ ସାମନ୍ତରାୟଙ୍କ ଦ୍ୱାରା ଲିଖିତ ପୁସ୍ତକ ‘ରୂପକଥାର ରୂପକାର: ଜଗନ୍ନାଥ ପଣ୍ଡାଙ୍କର ଜୀବନ, ଦର୍ଶନ ଏବଂ ସୃଜନ’ ଉନ୍ମୋଚିତ ହୋଇଥିଲା। ଇଓ ଓଡ଼ିଶା ଚାପ୍ଟରର ଫୋରମ୍ ଚେୟାର ଓ ବୋର୍ଡ ସଦସ୍ୟ କମଳ ଅଗ୍ରୱାଲ ମଧ୍ୟ ଏଥିରେ ଉପସ୍ଥିତ ଥିଲେ।

## ପାତ୍ରପଡ଼ା-ଭଗବାନପୁର ଯୁବ ବାହିନୀ ପକ୍ଷରୁ ‘ବିଶ୍ୱ ରେଡିଓ ଦିବସ’

ଭୁବନେଶ୍ୱର, ୧୩।୨(ସମିସ): ରାଜଧାନୀ ଉପକଣ୍ଠ ପାତ୍ରପଡ଼ାସ୍ଥିତ ଗାନ୍ଧୀ ଚଉତରାଠାରେ ପାତ୍ରପଡ଼ା-ଭଗବାନପୁର ଯୁବ ବାହିନୀ ଆନୁକୂଲ୍ୟରେ ‘ବିଶ୍ୱ ରେଡିଓ ଦିବସ’ ପାଳିତ ହୋଇଛି। ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀଙ୍କ ଅଧ୍ୟକ୍ଷତାରେ ‘ରେଡିଓ ବିବିଧା ୨୦୨୬’ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗ ଦେଇ ବୈଦ୍ୟୁତିକ ଗଣମାଧ୍ୟମର ଆକର୍ଷଣ ଭିତରେ ଆଜି ବି ରେଡିଓ ବିଶ୍ୱସନୀୟ ଓ ନିଚ୍ଛକ ଖବର ଏବଂ ମନୋରଞ୍ଜନ ଓ ସୂଚନାଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରି ଶ୍ରୋତାଙ୍କ ପ୍ରିୟଭାଜନ ହୋଇ ରହିଛି ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଆକାଶବାଣୀ କଟକ କେନ୍ଦ୍ରର ପୂର୍ବତନ ସହ-ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାମଲ, ପୂର୍ବତନ ଆରକ୍ଷୀ ଉପଆୟୁକ୍ତ ପ୍ରାଣକୃଷ୍ଣ ରାଉତ, ଆକାଶବାଣୀ କଟକ କେନ୍ଦ୍ରର ସମ୍ବାଦ ପାଠକ ମହେଶ୍ୱର ସାହୁ, ମୁଖ୍ୟବକ୍ତା ଭାବେ ଜୟପୁର ଆକାଶବାଣୀ କେନ୍ଦ୍ରର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୃତିବାସ ନାୟକ ନିଜ ବକ୍ତବ୍ୟରେ ମହାବାତ୍ୟା ସମୟରେ ରେଡିଓ କିପରି ପ୍ରଚାର ପ୍ରସାରର ମାଧ୍ୟମ ସାଜିଥିଲା, ସେ ବିଷୟରେ



ସୂଚନା ଦେଇଥିଲେ। ଆଜି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରି ରେଡିଓ ଦୂରବନ୍ଧୁ ସାଜିବା ସହ ଛାତ୍ରଛାତ୍ରୀ ଏବଂ ପରିବାରବର୍ଗଙ୍କୁ ଏକ ସୂତ୍ରରେ ବାନ୍ଧି ରଖିଛି ବୋଲି କହିଥିଲେ। ଏହି ଅବସରରେ ପ୍ରାୟ ୨୦ଟି ଗ୍ରାମରୁ ନିମନ୍ତ୍ରିତ ରେଡିଓ ପ୍ରେମୀମାନଙ୍କୁ ଯୁବ ବାହିନୀ ତରଫରୁ ୧୦୦ଟି ନୂତନ ରେଡିଓ ପ୍ରଦାନ କରଯାଇଥିଲା। ସତ୍ୟ ନାରାୟଣ ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ରବୀନ୍ଦ୍ର ନାଥ ସାହୁ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ଡିଇସିଟି ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୬୦ ● ପାଉଣ୍ଡ ୧୨୪.୧୬
- ୟୁରୋ ୧୦୮.୦୫ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୫,୭୧୦ (ଭୁବନେଶ୍ୱର)
- ରୁପା : ୨,୪୮,୭୮୬ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୬୨୬.୦୦
- ନିଫ୍ଟି ୨୫,୪୭୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଏଆଇ ସୁନାମୀରେ ଭାସିଗଲା ଆଇଟି ସେୟାର

# ଆମେରିକାଠାରୁ ଭାରତ ଯାଏ ବୁଡ଼ିଲା ଷ୍ଟକ୍ ବଜାର



### ସେନ୍‌ସେକ୍ସରେ ୧୦୦୦ ପଏଣ୍ଟ ହ୍ରାସ

### ୮ ଦିନରେ ଆଇଟି କମ୍ପାନୀ ହରାଇଲେ ୬ ଲକ୍ଷ କୋଟି

### ୯ ଦିନରେ ସେନସେକ୍ସ ୩,୦୦୦ ପଏଣ୍ଟ ଖସିଲା

**ମୁମ୍ବାଇ,୧୩ା୨(ଏଜେନ୍ସି):** ଫେବୃଆରୀ ମାସ ଭାରତୀୟ ଷ୍ଟକ୍ ବଜାର ପାଇଁ କୌଣସି ଏକ ରୋମାଞ୍ଚକର ଘଟଣାଠାରୁ କମ୍ ନ ଥିଲା। କେତେବେଳେ ବଜାର ରେକର୍ଡ ଉଚ୍ଚ ସ୍ତର ଛୁଇଁଥିଲା, ଆଉ କେତେବେଳେ ହଠାତ୍ ତୀବ୍ର ହ୍ରାସ ନିବେଶକମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲା। ପ୍ରମୁଖ ନିଷ୍ପତ୍ତି ଏବଂ ବିଶ୍ୱସ୍ତରୀୟ ଘଟଣା ମଧ୍ୟରେ ଭାରତୀୟ ଷ୍ଟକ୍ ବଜାର ବର୍ତ୍ତମାନ ତଳମୁହାଁ ହେବାରେ ଲାଗିଛି। ଆଇଟି କମ୍ପାନୀଗୁଡ଼ିକର ସେୟାରରେ ତୀବ୍ର ବିକ୍ରି ଯୋଗୁ ଷ୍ଟକ୍ ବଜାରରେ ଏଭଳି ବୃହତ୍ ହ୍ରାସ ଦେଖିବାକୁ ମିଳିଛି। ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ବୃହତ୍ ୧୦୦୦ ପଏଣ୍ଟରୁ ଅଧିକ ହ୍ରାସ ଘଟିଛି। ଗତ ୯ ଦିନ ମଧ୍ୟରେ ସେନ୍‌ସେକ୍ସରେ ୩,୦୦୦ ପଏଣ୍ଟ ହ୍ରାସ ଘଟିଥିବାବେଳେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍‌ଟି)ରେ ୨୫,୫୦୦ ପଏଣ୍ଟ ହ୍ରାସ ଘଟିଛି। ଗତ ତିନି ଦିନ ଧରି ଆଇଟି କମ୍ପାନୀଗୁଡିକର ସେୟାର ମୂଲ୍ୟରେ ଲଗାତାର ହ୍ରାସ ଧାରା ଜାରି ରହିଛି। ଇନଫୋସିସ୍, ଟିସିଏସ୍, ୱିପ୍ରୋ, ଏଚ୍‌ସିଏଲ୍ ଟେକ୍ ଏବଂ ପର୍ସିଷ୍ଟେଣ୍ଟ ସିଷ୍ଟମ୍ସ ଭଳି ପ୍ରମୁଖ କମ୍ପାନୀଗୁଡିକର ସେୟାରରେ ୮ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ହୋଇଛି। ନିଫ୍ଟି ଆଇଟି ସୂଚକାଙ୍କ ମଧ୍ୟ ପ୍ରାୟ ୫% ହ୍ରାସ ପାଇଛି। ପୂର୍ବରୁ, ଫେବୃଆରୀ ୧୨ରେ ଆଇଟି ସୂଚକାଙ୍କରେ ମଧ୍ୟ ୫.୫% ହ୍ରାସ ରେକର୍ଡ କରାଯାଇଥିଲା। ଆଇଟି କମ୍ପାନୀର ସେୟାରରେ ଏହି ହ୍ରାସ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ସମ୍ବନ୍ଧୀୟ ଚିନ୍ତା ଯୋଗୁଁ ହୋଇଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଏଆଇ-ଆଧାରିତ ଅଟୋମେଶନ୍ ବ୍ୟବସ୍ଥା ପାରମ୍ପରିକ ଆଇଟି କମ୍ପାନୀଗୁଡ଼ିକର ବ୍ୟବସାୟ ମଡେଲ ଏବଂ ରୋଜଗାରକୁ ପ୍ରଭାବିତ କରିବ ବୋଲି ଏକ ଦୃଢ଼ ଆଶଙ୍କା ରହିଛି। ଏହି କାରଣରୁ, ନିବେଶକମାନେ ଏହି କମ୍ପାନୀଗୁଡ଼ିକ ପ୍ରତି ସତର୍କତା ଅବଲମ୍ବନ କରିବା ଆରମ୍ଭ କରିଛନ୍ତି। ବିଶ୍ଳେଷକମାନେ ବିଶ୍ୱାସ କରୁଛନ୍ତି ଯେ ଏଆଇ ମାର୍ଜିନ୍ ଏବଂ ଅର୍ଡର ବୃଦ୍ଧି ଭାରତୀୟ ଆଇଟି କମ୍ପାନୀଗୁଡ଼ିକ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିପାରେ।

ଶୁକ୍ରବାର କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୧୦୪୮.୧୬ ପଏଣ୍ଟ ବା ୧.୨୫ ପ୍ରତିଶତ ହ୍ରାସ ଘଟି ୮୨,୬୨୬.୭୬ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ଆଜି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୩୩୬.୧୦ ପଏଣ୍ଟ ବା ୧.୩୦ ପ୍ରତିଶତ ବୃଦ୍ଧି ଘଟି ୨୫,୪୭୧ ପଏଣ୍ଟରେ କାରବାର ଶେଷ ହୋଇଛି। ଆଜି ସେନ୍‌ସେକ୍ସର ୩୦ଟି ଷ୍ଟକ୍ ମଧ୍ୟରୁ ୨୮ଟିରେ ହ୍ରାସ ପରିଲକ୍ଷିତ ହୋଇଛି। କାରବାରରେ ଧାତବ, ଆଇଟି ଏବଂ ଶକ୍ତି କ୍ଷେତ୍ରର ଷ୍ଟକ୍‌ରେ ଆଜି ସବୁଠାରୁ ଅଧିକ ହ୍ରାସ ପାଇଛି। ଆଇଟି ଷ୍ଟକ୍‌ରେ ହ୍ରାସ ସମଗ୍ର ବିଶ୍ୱ ବଜାରକୁ ଚାପ ଗ୍ରସ୍ତ କରିଛି। ଏଥିଯୋଗୁ ଆମେରିକା ବଜାର ମଧ୍ୟ୨% ପର୍ଯ୍ୟନ୍ତ ହ୍ରାସ ପାଇଛି। ଡାଓ ଜୋନ୍ସ ୬୬୯ ପଏଣ୍ଟ (୧.୩୪%), ଟେକ୍-ଭିତ୍ତିକ ନାସଡାକ୍ କମ୍ପୋଜିଟ୍ ସୂଚକାଙ୍କ ୨.୦୩% ଏବଂ ଏସ୍‌ଆଣ୍ଡପି ସୂଚକାଙ୍କରେ ୧୦୮ ପଏଣ୍ଟ ହ୍ରାସ ଘଟିଛି।

ଚଳିତ ମାସରେ ବିଏସ୍‌ଇ ସେନସେକ୍ସ ଏବଂ ନିଫ୍ଟି ୫୦ ଉଭୟରେ ଅସ୍ଥିରତା ଲାଗି ରହିଥିଲା। ଫେବୃଆରୀ ପହିଲାରେ ବଜେଟ ଦିନ ସେନସେକ୍ସ ୭୯,୮୯୯ ଏବଂ ନିଫ୍ଟି ୨୪,୫୭୨ ପଏଣ୍ଟକୁ ଖସିଆସିଥିଲା। ସେହି ସମୟରେ, ବଜାର ଉଦାସ ରହିଥିଲା। କିନ୍ତୁ ମାତ୍ର ଦୁଇ ଦିନ ମଧ୍ୟରେ ଚିତ୍ର ବଦଳିଗଲା। ଫେବୃଆରୀ ୩ରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିର ଖବର ପରେ ବଜାରରେ ଉତ୍ସାହ ଫେରିଥିଲା, ସେନସେକ୍ସ ୮୫,୮୭୨ ଏବଂ ନିଫ୍ଟି ୨୬,୩୪୧ ପଏଣ୍ଟରେ ପହଞ୍ଚିଥିଲା। ନିବେଶକମାନେ ବିଶ୍ୱାସ କରିଥିଲେ ଯେ ଏକ ନୂତନ ବୃଦ୍ଧି ଧାରା ଆରମ୍ଭ ହୋଇଛି। କିନ୍ତୁ ଏହି ଉତ୍ସାହ ଅଧିକ ସମୟ ପର୍ଯ୍ୟନ୍ତ ରହିଲାନାହିଁ। ପରବର୍ତ୍ତୀ ୯ଟି ବାଣିଜ୍ୟ କାରବାରରେ ବିକ୍ରି ପୁଣି ପ୍ରାଧାନ୍ୟ ବିସ୍ତାର କରିଥିଲା। ଫେବୃଆରୀ ୧୩ ସୁଦ୍ଧା ସେନସେକ୍ସ ଏହାର ସାମ୍ପ୍ରତିକ ସର୍ବୋଚ୍ଚ ସ୍ତରରେ ୩,୦୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇ ୮୨,୭୯୩ ପଏଣ୍ଟକୁ ଖସିଆସିଛି। ନିଫ୍ଟି ମଧ୍ୟ ପ୍ରାୟ ୮୦୦ ପଏଣ୍ଟ ହ୍ରାସ ପାଇ ପ୍ରାୟ ୨୫,୫୦୦ ପଏଣ୍ଟକୁ ତଳକୁ ଖସିଯାଇଛି। ଏହି ହ୍ରାସ ପଛରେ ଆଇଟି ଷ୍ଟକ୍‌ରେ ପ୍ରବଳ ବିକ୍ରି ଏକ ପ୍ରମୁଖ କାରଣ ବୋଲି ବିଶ୍ୱାସ କରାଯାଉଛି, ଯାହା ସାମଗ୍ରିକ ବଜାର ଭାବନାକୁ ଦୁର୍ବଳ କରିଦେଇଥିଲା।

# ଏଆଇ ଯୋଗୁ ବିପଦରେ ୨୫୦ ବିଲିୟନ ଡଲାରର ଭାରତୀୟ ଆଇଟି ଶିଳ୍ପ

### ୮ ଦିନରେ ୬ ଲକ୍ଷ କୋଟି ଟଙ୍କା କ୍ଷତି

**ମୁମ୍ବାଇ,୧୩ା୨(ଏଜେନ୍ସି):** ଭାରତର ୨୫୦ ବିଲିୟନ ଡଲାରର ସଫ୍ଟୱେର୍ ସେବା ଶିଳ୍ପ ବର୍ତ୍ତମାନ ସମୟରେ ଗଭୀର ସଙ୍କଟ ଦେଇ ଗତି କରୁଛି। ପୁଞ୍ଜି ବଜାରରେ ବିଗତ କିଛି ଦିନ ଧରି ଭାରତୀୟ ବଜାରରେ ଆଇଟି କମ୍ପାନୀଗୁଡ଼ିକର ସେୟାରରେ ତୀବ୍ର ହ୍ରାସ ଘଟୁଛି। ଟିସିଏସ୍ ଏବଂ ଇନଫୋସିସ୍ ଭଳି ଅନେକ ପ୍ରମୁଖ ଆଇଟି କମ୍ପାନୀଗୁଡ଼ିକର ସେୟାର ୫୨ ସପ୍ତାହର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଗତ ୮ ଦିନରେ ଆଇଟି କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ପ୍ରାୟ ୬ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଏହି ସମୟ ମଧ୍ୟରେ, ନିଫ୍ଟି ଆଇଟି ସୂଚକାଙ୍କ ପ୍ରାୟ ୨୦ ପ୍ରତିଶତ ହ୍ରାସ ହୋଇଛି। କେବଳ ଗତ ଦୁଇ ଦିନରେ ଏହା ପ୍ରାୟ ୧୦ ପ୍ରତିଶତ ହ୍ରାସ ପାଇଛି।

ଗତ ୮ ଦିନ ମଧ୍ୟରେ ଇନଫୋସିସ୍ ସେୟାର ମୂଲ୍ୟରେ ୨୧ ପ୍ରତିଶତ ହ୍ରାସ ପାଇଛି, ଯେତେବେଳେ କି ଟିସିଏସ୍ ସେୟାର ୧୯ ପ୍ରତିଶତ, ଏଚ୍‌ସିଏଲ୍ ଟେକ୍ ୧୭ ପ୍ରତିଶତ ଏବଂ ୱିପ୍ରୋ ଏବଂ ଟେକ୍ ମହିନ୍ଦ୍ରା ୧୩ ପ୍ରତିଶତ ହ୍ରାସ ପାଇଛି। ଦେଶର ସର୍ବବୃହତ ଆଇଟି କମ୍ପାନୀ ଟିସିଏସ୍‌ର ସେୟାର ଗତ ବର୍ଷ ଅଗଷ୍ଟରେ ସର୍ବକାଳୀନ ରେକର୍ଡ ସ୍ତରଠାରୁ ୪୪ ପ୍ରତିଶତ ହ୍ରାସ ପାଇଛି। ଏହା କମ୍ପାନୀର ବଜାର ପୁଞ୍ଜିକୁ ୧୦ ଲକ୍ଷ କୋଟିରୁ ଖସାଇଦେଇଛି। ପୂର୍ବରୁ, ୨୦୨୦ ରେ ଟିସିଏସ୍ର ବଜାର ପୁଞ୍ଜି ଏହି ସ୍ତରରେ ରହିଥିଲା। ଆଜିର କାରବାରରେ ଇନଫୋସିସ୍ ସେୟାର ୭ ପ୍ରତିଶତ ହ୍ରାସ ପାଇଥିଲା, ଯେତେବେଳେ ଟିସିଏସ୍, ଏଚ୍‌ସିଏଲ୍ ଟେକ୍ ଏବଂ ୱିପ୍ରୋ ୪ ରୁ ୫ ପ୍ରତିଶତ ହ୍ରାସ ପାଇଛି। କିଛି ଦିନ ପୂର୍ବରୁ, ଆମେରିକୀୟ ଏଆଇ ଡେଭଲପର କମ୍ପାନୀ ଆନ୍ଥ୍ରୋପିକ ଏହାର ନୂତନ ଉପକରଣ, କ୍ଲାଉଡ୍ ୪.୬ ଏବଂ କୋୱାର୍କ ଲଞ୍ଚ କରିଥିଲା। ଏଗୁଡ଼ିକ ପାରମ୍ପରିକ ଆଇଟି କମ୍ପାନୀଗୁଡ଼ିକ ପାଇଁ ବିନାଶକାରୀ ବୋଲି ବିଶ୍ୱାସ କରାଯାଉଛି। ଜିଓଜିତ ଇନଭେଷ୍ଟମେଣ୍ଟର ଗବେଷଣା ମୁଖ୍ୟ ବିନୋଦ ନାୟାର କହିଛନ୍ତି ଯେ ଏଆଇ ଭାରତର ଆଇଟି ସେବା ଶିଳ୍ପରେ ଏକ ସଂରଚନାତ୍ମକ ପରିବର୍ତ୍ତନ ଆଣିଛି। ଏହା ଭବିଷ୍ୟତରେ କମ୍ପାନୀଗୁଡ଼ିକର ରାଜସ୍ୱକୁ ପ୍ରଭାବିତ କରିପାରେ। ଏହା ଛଟେଇ ହେବାର ସମ୍ଭାବନାକୁ ବୃଦ୍ଧି କରୁଛି। ଏହାର ଅର୍ଥ ହେଉଛି ଆଗାମୀ ଦିନରେ ଆଇଟି ଶିଳ୍ପର ସମସ୍ୟା ଆହୁରି ବଢ଼ିପାରେ।

# ଉମାଦେବୀ ମୋଟର୍ସର ଫାର୍ମଟ୍ରାକ୍ ଟ୍ରାକ୍ଟର ଶୋ' ରୁମ ଉଦ୍‌ଘାଟିତ

**ଭୁବନେଶ୍ୱର,୧୩ା୨(ସମିସ):** କେଉଁଝର ଆନନ୍ଦପୁର ଅଧିନସ୍ଥ ଶାଳପଡ଼ା ବଜାରରେ ପ୍ରଥମ କରି ଉମାଦେବୀ ମୋଟର୍ସର ନୂତନ ଟ୍ରାକ୍ଟର ସୋ'ରୁମ ଉଦଘାଟିତ ହୋଇଯାଇଛି। ଏଥିସହ ଏସ୍କର୍ଟ କୁବୋଟା ଲିମିଟେଡ଼ ଫାର୍ମଟ୍ରାକ୍ ଟ୍ରାକ୍ଟରର ନୁଆ ଗାଡି ୱାର୍ଲଡ୍ ମ୍ୟାକ୍ସ,ପ୍ରୋ ମ୍ୟାକ୍ସ ଏବଂ ଅଲଟ୍ରା ମ୍ୟାକ୍ସ ଟ୍ରାକ୍ଟର ଅତିଥିଙ୍କ ଦ୍ୱାରା ଅନାବରଣ କରାଯାଇଛି। ନିରଞ୍ଜନ ବ୍ରହ୍ମଙ୍କ ଉପସ୍ଥିତିରେ ଶୋ'ରୁମ୍‌ର ଏମ୍‌ଡି ପ୍ରିୟ ରଞ୍ଜନ ବ୍ରହ୍ମଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଏସ୍କର୍ଟର ଦକ୍ଷିଣ ପୂର୍ବାଞ୍ଚଳର ସେଲସ ମୁଖ୍ୟ ରାଜେନ୍ଦ୍ର ଲୋଣ୍ଢେ ଏହାକୁ ଉଦ୍‌ଘାଟନ କରଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ କମ୍ପାନୀର ଓଡ଼ିଶା ସର୍ଭିସ ହେଡ଼ ରମେଶ ଖରାଡେ, ଏରିଆ ସର୍ଭିସ ମ୍ୟାନେଜର ଆଶିଷ ଆନନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇଥିବା ବେଳେ କମ୍ପାନୀର ସେଲସ ମ୍ୟାନେଜର ଚନ୍ଦନ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଅତିଥିଙ୍କ ଦ୍ୱାରା ଭଗା ନଇରୁ ପାଣ୍ଡବ ଚରଣ ସାହୁ,ହସନପୁରରୁ ଗୋବିନ୍ଦ ଚନ୍ଦ୍ର ଜେନା, ବେଲ ବାହାଳି ଗାଁରୁ ବାଡ଼ିଆ ମହାରଣା,ମଥୁରା ସାହୁଙ୍କୁ ନୁଆ ଟ୍ରାକ୍ଟରର ଚାବି ହସ୍ତାନ୍ତର କରାଯାଇଥିଲା। କୁବୋଟା ଟ୍ରାକ୍ଟର ଅନ୍ୟ ଟ୍ରାକ୍ଟର ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ଇନ୍ଧନ ସଞ୍ଚିତ ସୁବିଧା ଅଛି ବୋଲି ମୁଖ୍ୟ ଅତିଥି ଶ୍ରୀ ଲୋଣ୍ଢେ ମତ ବ୍ୟକ୍ତ କରିଥିଲେ।




# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ମେଗା କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୩ା୨(ସମିସ) :** ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କଟକ ଜଗତପୁରର ପୀର ବଜାରସ୍ଥିତ ଅମ୍ବିକା କନ୍‌ଭେନ୍‌ସନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ଉପ-କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ର ଏବଂ ମୁଖ୍ୟ ପ୍ରବନ୍ଧକ ମୁକୁନ୍ଦ କୁମାର କର୍ଣ୍ଣଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ସ୍ଥାନୀୟ ଗ୍ରାହକମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଯେଉଁଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଋଣ ଆବଶ୍ୟକତା ପୂରଣ କରିବା ପାଇଁ ସେଣ୍ଟ ନାରୀ ଶକ୍ତି ସମେତ ବିଭିନ୍ନ କୃଷି ଏବଂ ମହିଳା-କୈନ୍ଦ୍ରିକ ଆର୍ଥିକ ଉତ୍ପାଦ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ୨୦ କୋଟି ଟଙ୍କାର ଋଣ ମଞ୍ଜୁରୀ କରାଯାଇଥିଲା ଏବଂ ୨୬କୋଟି ଟଙ୍କାର ଋଣ ବଣ୍ଟନ କରାଯାଇଥିଲା। ଏଥିସହିତ ଗ୍ରାମୀଣ ଗ୍ରାହକମାନଙ୍କ ମଧ୍ୟରେ ଆର୍ଥିକ ସୁରକ୍ଷା ଓ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ନିମନ୍ତେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା।



# ଆହାନ ପାଣ୍ଡେ ଟିରାବିୟୁଟିର ବ୍ରାଣ୍ଡ ଆମ୍ବାସାଡର

**ଭୁବନେଶ୍ୱର,୧୩ା୨(ସମିସ):** ଟିରାବିୟୁଟି ଆହାନ ପାଣ୍ଡେଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର ଭାବରେ ନିଯୁକ୍ତ କରିଛି। ଟିରାବିୟୁଟି ଭାରତର ପ୍ରଥମ ସୌନ୍ଦର୍ଯ୍ୟ ରିଟେଲ ବ୍ୟବସାୟୀମାନଙ୍କ ମଧ୍ୟରେ ଏହାର ବ୍ରାଣ୍ଡକୁ ସ୍ଥାନ ଦେଇଛି, ଯେଉଁଠାରେ ଜଣେ ପୁରୁଷ ସେଲିବ୍ରିଟି ଆମ୍ବାସାଡର ଭାବେ ପରିଚିତ କରାଉଛି। କମ୍ପାନୀର ଏହି ପଦକ୍ଷେପ ବର୍ଗର ବିକଶିତ ପଦ୍ଧତିରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନକୁ ଚିହ୍ନିତ କରେ। ଏହାର ସଦ୍ୟତମ ଅଭିଯାନ ମାଧ୍ୟମରେ ଟିରାବିୟୁଟି ପ୍ଲାଟଫର୍ମ ସୌନ୍ଦର୍ଯ୍ୟକୁ ବ୍ୟକ୍ତିଗତ ମନୋଭାବ, ମୁହୂର୍ତ୍ତ ଏବଂ ପରିଚୟ ଦ୍ୱାରା ଆକାରିତ ଏକ ବ୍ୟକ୍ତିଗତ, ଦୈନନ୍ଦିନ ଅଭିଜ୍ଞତା ଭାବରେ ପୁନଃପ୍ରମାଣିତ କରେ। ପାରମ୍ପରିକ 'ବିଫୋର ଆଣ୍ଡ ଆଫଟର' କାହାଣୀରୁ ଦୂରେଇ ଯାଇ ଏହି ଅଭିଯାନ ସୌନ୍ଦର୍ଯ୍ୟକୁ ସହଜ ଏବଂ ବାସ୍ତବ ଜୀବନର ପ୍ରତିଫଳିତ ଭାବରେ ଉଜ୍ଜ୍ୱଳ କରିଥାଏ।




# ପୂର୍ବତଟ ରେଳପଥ ଜିଏମ୍‌ଙ୍କ ସୁରକ୍ଷା ମାନଦଣ୍ଡ, ଭିତ୍ତିଭୂମି ସ୍ଥିତିର ସମୀକ୍ଷା

**ଭୁବନେଶ୍ୱର,୧୩ା୨(ସମିସ):** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ, ୱାଲଟେୟାର ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଲଳିତ ବୋହରାଙ୍କ ସହିତ ମୁଖ୍ୟାଳୟର ପ୍ରମୁଖ ବିଭାଗ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ସୁରକ୍ଷା ମାନଦଣ୍ଡ, ଭିତ୍ତିଭୂମି ସ୍ଥିତି ଏବଂ କାର୍ଯ୍ୟକ୍ଷମ ଦକ୍ଷତା ସମୀକ୍ଷା କରିବା ସହିତ ଗୁରୁତ୍ୱପୂର୍ଣ୍ଣ ବିଭାଗ, ଷ୍ଟେସନ, ସେତୁ ଏବଂ ଲେଭଲ କ୍ରସିଂ ଗେଟଗୁଡ଼ିକର ଘନିଷ୍ଠ ଯାଞ୍ଚ କରିଥିଲେ।

ନିରୀକ୍ଷଣ ସମୟରେ, ମହାପ୍ରବନ୍ଧକ ସିଲାକଖୋରୀ-ଡିଲିମିଲି ଷ୍ଟେସନ ମଧ୍ୟରେ ଅବସ୍ଥିତ କର୍ଭ ନମ୍ବର ୪୩୩ କୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲେ, ଟ୍ରାକ୍ ଜ୍ୟାମିତି ଏବଂ ସୁରକ୍ଷା ପରିମାପକକ ଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ପରିଚାଳନା ବ୍ୟବସ୍ଥା ଏବଂ ରକ୍ଷଣାବେକ୍ଷଣର ସମୀକ୍ଷା କରିବା ପାଇଁ ଡିଲିମିଲି ଷ୍ଟେସନର ୟାର୍ଡ ଯାଞ୍ଚ ମଧ୍ୟ କରାଯାଇଥିଲା। ଜି. ଏମ୍. ଶିଶୁ ଉଦ୍ୟାନ ଏବଂ କଲୋନୀ ପରିଦର୍ଶନ କରିଥିଲେ ଯେଉଁଠାରେ ସେ କଲୋନୀ ଲୋକଙ୍କ ଆବଶ୍ୟକତା ଏବଂ ଅଭିଯୋଗ ଜାଣିବା ପାଇଁ ସେମାନଙ୍କ ସହ କଥାବାର୍ତ୍ତା କରିଥିଲେ। ଶ୍ରୀ ଫୁଙ୍କୱାଲ ଟ୍ରାକ୍ସନ୍ ସବ୍ ଷ୍ଟେସନ ମଧ୍ୟ ଯାଞ୍ଚ କରିଥିଲେ। ଏହାବ୍ୟତୀତ, ଜଗଦଲପୁର-ନକଟିସେମୋରା ମଧ୍ୟରେ ଲେଭଲ କ୍ରସିଂ ଗେଟ କେକେ-୮୧ ଯେଉଁଠାରେ ସେ ସୁରକ୍ଷା ନିୟମାବଳୀର ଅନୁପାଳନ ଏବଂ ରେଳ ଏବଂ ସଡ଼କ ଯାତାୟାତକୁ ସୁଗମ କରିବା ପାଇଁ ଯାଞ୍ଚ କରିଥିଲେ।

# ବେଦାନ୍ତ ଆଲୁମିନିୟମ୍ ଲାଞ୍ଜିଗଡ ଦକ୍ଷତା ତାଲିମ କେନ୍ଦ୍ରର ୧୦୦% ନିଯୁକ୍ତି ସଫଳତା



**ଭୁବନେଶ୍ୱର, ୧୩ା୨ (ସମିସ):** ବେଦାନ୍ତ ଆଲୁମିନିୟମ ପକ୍ଷରୁ ଓଡ଼ିଶାର କଳାହାଣ୍ଡିରେ ପରିଚାଳିତ ଦକ୍ଷତା ତାଲିମ କେନ୍ଦ୍ରର ଖାଦ୍ୟ ଓ ପାନୀୟ (ଏଫ୍‌ଆଣ୍ଡବି)ର ୨୭ତମ ବ୍ୟାଚ୍ ୧୦୦% ନିଯୁକ୍ତି ସହ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସମାବେଶୀ ବିକାଶ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରମାଣିତ କରିଥିବା ଏହି ବ୍ୟାଚ୍‌ରେ ୭ ଜଣ ଦିବ୍ୟାଙ୍ଗ ପ୍ରାର୍ଥୀ ଥିଲେ। ସେହି ସମସ୍ତ ପ୍ରାର୍ଥୀଙ୍କୁ ସେବା ଓ ଆତିଥେୟତା ଉଦ୍ୟୋଗର କିଛି ଅଗ୍ରଣୀ କମ୍ପାନିରେ ନିଯୁକ୍ତି ସୁଯୋଗ ମିଳିଛି। ଏହି ପ୍ରାର୍ଥୀମାନେ ଇଣ୍ଡିଗୋ, କ୍ଲବ ମହିନ୍ଦ୍ରା, ବେଲଜିଆନ ୱାଫଲ, ମିନର୍ଭା ଗ୍ରାଣ୍ଡ, ଏଭିଏନ ଗ୍ରୁପ, ଶ୍ରୀ ନେଚର ଭାଲି ଓ ଗଲ୍‌ଫ କ୍ଲବ୍ ଭଳି ସୁନାମଧନ୍ୟ କମ୍ପାନିମାନଙ୍କରେ ଯୋଗଦେଇଛନ୍ତି। ଏହା କଳାହାଣ୍ଡି ଭଳି ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ଅନ୍ତର୍ଭୁକ୍ତିମୂଳକ, ଦକ୍ଷତା-ଭିତ୍ତିକ ନିଯୁକ୍ତି ପ୍ରତି ଶିଳ୍ପ ଅଂଶୀଦାରମାନଙ୍କ ବଢୁଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି। ଏହି ଅଭିଯାନ ସମ୍ପର୍କରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ତାଲିମ କେନ୍ଦ୍ରରୁ ମୁଖ୍ୟଧାରା କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ରୂପାନ୍ତରିତ ହେବାରେ ସକ୍ଷମ କରି ଆମେ ଦର୍ଶାଇଛୁ ଯେ ସମାବେଶୀ ନିଯୁକ୍ତି ପ୍ରଦାନ କେବଳ ଏକ ସାମାଜିକ ଅଭିଯାନ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷେତ୍ର ଆବଶ୍ୟକତା। ଏହି ମାଇଲଖୁଣ୍ଟ ଆମର ସେହି ବିଶ୍ୱାସକୁ ଦୃଢ଼ କରୁଛି ଯେ ଯେତେବେଳେ ଶିଳ୍ପ ଆବଶ୍ୟକତା ସହ ଦକ୍ଷତା ବିକାଶକୁ ସମନ୍ୱିତ କରାଯିବ।

# 'ରେରା'ର କାର୍ଯ୍ୟଶୈଳୀ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

### ଲାଭ ଉଠାଉଛନ୍ତି ଡେଭଲପର, ବିଲ୍ଡର; ଘର କ୍ରେତାଙ୍କୁ ମିଳୁନି ସୁବିଧା

**ନୂଆଦିଲ୍ଲୀ,୧୩ା୨(ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ସୁପ୍ରିମକୋର୍ଟ ରିଅଲ୍ ଇଷ୍ଟେଟ୍ ନିୟାମକ ପ୍ରାଧିକରଣ (ରେରା)ର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ରେରାକୁ ବନ୍ଦ କରିବା ଭଲ ହେବ। ହିମାଚଳ ପ୍ରଦେଶ ହାଇକୋର୍ଟଙ୍କ ଏକ ନିଷ୍ପତ୍ତି ବିରୁଦ୍ଧରେ ଏକ ମାମଲାର ଶୁଣାଣି ସମୟରେ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପର୍ଯ୍ୟବେକ୍ଷଣ କରିଛନ୍ତି। କୋର୍ଟ କହିଛନ୍ତି ଯେ ରାଜ୍ୟ ସରକାରମାନେ ରେରା ଗଠନ ଉପରେ ପୁନର୍ବିଚାର କରିବା ପାଇଁ ସମୟ ଆସିଛି। କ୍ରେତାମାନଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ, ଏହି ସଂସ୍ଥା କେବଳ ଖିଲାପୀ ବିଲ୍ଡରମାନଙ୍କୁ ଲାଭ ପହଞ୍ଚାଉଛି। କୋର୍ଟ କହିଛନ୍ତି ଯେ ରେରା ଏହାର ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭାବରେ ହରାଇଛି।



ରାଜ୍ୟମାନେ ରେରା ଗଠନ ଉପରେ ପୁନର୍ବିଚାର କରନ୍ତୁ

ଶୁଣାଣି ସମୟରେ, ଯେତେବେଳେ ଖଣ୍ଡପୀଠକୁ ଜଣାଇ ଦିଆଯାଇଥିଲା ଯେ ଜଣେ ଅବସରପ୍ରାପ୍ତ ଅଧିକାରୀଙ୍କୁ ରେରାରେ ନିଯୁକ୍ତ କରାଯାଇଛି। ମୁଖ୍ୟ ବିଚାରପତି ଟିପ୍ପଣୀ ଦେଇଥିଲେ, ପ୍ରତ୍ୟେକ ରାଜ୍ୟରେ, ଏହା ଅବସରପ୍ରାପ୍ତ ଅମଲାଙ୍କ ପାଇଁ ଏକ 'ପୁନର୍ବାସ କେନ୍ଦ୍ର' ପାଲଟିଛି। ଏହି କର୍ତ୍ତୃପକ୍ଷମାନେ ଏପରି ବ୍ୟକ୍ତିବିଶେଷଙ୍କ ସହିତ ପରିପୂର୍ଣ୍ଣ। ମୁଖ୍ୟ ବିଚାରପତି କହିଛନ୍ତି, ଯେଉଁମାନଙ୍କ (ଘର କ୍ରେତା) ପାଇଁ ଏହି ସଂସ୍ଥା ସୃଷ୍ଟି ହୋଇଥିଲା, ସେମାନେ ଆଜି ସମ୍ପୂର୍ଣ୍ଣ ନିରାଶ ଏବଂ ଅସନ୍ତୁଷ୍ଟ। ସେମାନଙ୍କୁ ଏହି ସଂସ୍ଥାରୁ କୌଣସି ଆଶ୍ୱସ୍ତି ମିଳୁନାହିଁ।

ଏହି ସମ୍ପୂର୍ଣ୍ଣ ମାମଲା ହିମାଚଳ ପ୍ରଦେଶ ସରକାରଙ୍କ ବିଜ୍ଞପ୍ତି ସହିତ ଜଡିତ, ଯେଉଁଥିରେ ରେରା କାର୍ଯ୍ୟାଳୟକୁ ଶିମଲାରୁ ଧର୍ମଶାଳାକୁ ସ୍ଥାନାନ୍ତରିତ କରିବାକୁ କୁହାଯାଇଥିଲା। ହାଇକୋର୍ଟ ଏହା ଉପରେ ସ୍ଥଗିତାଦେଶ ଲଗାଇଥିଲେ। ବର୍ତ୍ତମାନ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ କାର୍ଯ୍ୟାଳୟ ସ୍ଥାନାନ୍ତରିତ କରିବାକୁ ଅନୁମତି ଦେଇଛନ୍ତି। ଗୃହ କ୍ରେତାଙ୍କ ସୁବିଧା ପାଇଁ ଅପିଲ୍ ଟ୍ରିବ୍ୟୁନାଲକୁ ଧର୍ମଶାଳାକୁ ସ୍ଥାନାନ୍ତରିତ କରିବାକୁ କୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ସୁପ୍ରିମକୋର୍ଟ ରେରା ଉପରେ ପ୍ରଶ୍ନ ଉଠାଇବା ଏହା ପ୍ରଥମ ଘଟଣା ନୁହେଁ। ୨୦୨୪ ସେପ୍ଟେମ୍ବରରେ, ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଥିଲେ ଯେ ରେରା ପୂର୍ବତନ ଅମଲାମାନଙ୍କ ପାଇଁ ଏକ ସ୍ୱର୍ଗ ପାଲଟିଛି, ଯେଉଁମାନେ ଆଇନର ସମ୍ପୂର୍ଣ୍ଣ ଆତ୍ମା ଏବଂ ଯୋଜନାକୁ ବିଫଳ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ପର୍ଯ୍ୟବେକ୍ଷଣ ଉପରେ ପ୍ରତିକ୍ରିୟା ପ୍ରକାଶ କରି, ଗୃହକ୍ରେତାଙ୍କ ସଂଗଠନ, ଫୋରମ୍ ଫର୍ ପିପୁଲ୍ସ କଲେକ୍ଟିଭ୍ ଏଫର୍ଟେସ୍ କହିଛି, ରେରା ଆଇନ କାର୍ଯ୍ୟକାରୀ ହେବାର ୯ ବର୍ଷ ବିତିଗଲାଣି, କିନ୍ତୁ ଆଜି ମଧ୍ୟ କୌଣସି ଗ୍ୟାରେଣ୍ଟି ନାହିଁ ଯେ ରେରା -ପଞ୍ଜିକୃତ ପ୍ରକଳ୍ପ ସମୟସୀମାରେ ସମାପ୍ତ ହେବ। ଯଦି ରେରା କ୍ରେତାଙ୍କ ଆଶା ପୂରଣ କରିପାରିବ ନାହିଁ, ତେବେ ଏଥିରେ ବଡ଼ ସଂସ୍କାର ଆବଶ୍ୟକ କିମ୍ବା ଏହାର ଅସ୍ତିତ୍ୱର ପୁନର୍ବିଚାର କରାଯିବା ଉଚିତ।

